## ସଂକ୍ଷେପରେ

### ଆନ୍ଦୋଳନରେ କର୍ମଚାରୀ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟରେ ତାଲା



**ଛତ୍ରପୁର,୫।୨(ଡି.ଏନ.ଏ):** ଗଞ୍ଜାମ ଜିଲା ଛତ୍ରପୁର ସ୍ଥିତ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟରେ ମଙ୍ଗଳବାର ତାଲା ଝୁଲିଛି। ଓଡିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ କର୍ମଚାରୀ ସେବା ଆସୋସିଏଶନ ଡାକରାରେ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟରେ କାର୍ଯ୍ୟରତ ଗଞ୍ଜାମ ଜିଲା ଶାଖା କର୍ମଚାରୀମାନେ ୨ ଦଫା ଦାବି ନେଇ ଶୁକ୍ରବାରଠାରୁ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରୁଥିଲେ । ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ପୂର୍ବ ନିଷ୍ପତ୍ତି ପ୍ରକାରେ ସୋମବାରଠାରୁ ମାସ୍ ଲିଭ୍ ନେଇ ଭୁବନେଶ୍ୱର ସ୍ଥିତ ଓପେପା କାର୍ଯ୍ୟାଳୟ ଆଗରେ ଅଧିକାରୀ ଓ କର୍ମଚାରୀମାନେ ଧାରଣା ଦେଇଛନ୍ତି। ଫଳରେ ଛତ୍ରପୁରସ୍ଥିତ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ଚାକିରୀ ରେଗୁଲାର କରିବା ଓ ୭ମ ବେତନ ଲାଗୁ କରିବା ଦାବି ନେଇ ଧାରଣା ଦିଆଯାଇଛି ।

### କାଳିଆ ରଥ ଶୁଭାରମ୍ଭ

**କନିଷି,୫।୨(ଡି.ଏନ.ଏ.):** ରଙ୍ଗେଇଲୁଣ୍ଡା ବ୍ଲକରେ ମଙ୍ଗଳବାର କାଳିଆ ଯୋଜନା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଛି। କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନଙ୍କୁ ପ୍ରୋତ୍ସାହନ ଦିଆଯିବା ଉଦ୍ଦେଶ୍ୟରେ ୧୫ ଦିନ ଧରି ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ରଥ ପରିକ୍ରମା କରି ସଚେତନତା କରାଯିବ। ବିଡିଓ କୁମାର ନାଗଭୂଷଣ, ଏବିଡିଓ ତ୍ରିପତୀ ବାଲାଜୀ ସାମନ୍ତରାୟ, ବ୍ଲକ ସମ୍ପ୍ରସାରଣ ଅଧିକାରୀ ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ପିଏ ମନୁ ପାତ୍ର ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଡାକ୍ତରଖାନାର ବିଭିନ୍ନ ସମସ୍ୟା ନେଇ ଧାରଣା

**କୋଦଲା,୫।୨(ଡି.ଏନ୍.ଏ.)**

କୋଦଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପୁରୁଷୋତ୍ତମପୁର, ବେଗୁନିଆପଡ଼ା, କବିସୂର୍ଯ୍ୟନଗର ଆଦି ବ୍ଲକର ଲୋକେ ନିର୍ଭର କରନ୍ତି। କିନ୍ତୁ ଏଠାରେ ଦୀର୍ଘ ବର୍ଷ ହେଲା ସ୍ଥାୟୀ ଡାକ୍ତର ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତର ନିଯୁକ୍ତି ପାଇଁ ଲୋକମାନେ ବହୁଥର ବିଭାଗୀୟ ଅଧିକାରୀ ଓ ପ୍ରଶାସନକୁ ଜଣାଇ ବିଫଳ ହେବାପରେ ଏହାର ସମାଧାନ ଦାବିରେ ମଙ୍ଗଳବାର ସ୍ଥାନୀୟ ଦଣ୍ଡୀଶ୍ୱରଙ୍କ ପୀଠରେ ଏକ ଶୋଭାଯାତ୍ରାରେ ନଗର ପରିକ୍ରମାରେ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଫାଟକରେ ଧାରଣା ଦେଇଛନ୍ତି। କୋଦଲା ବିକାଶ ମଞ୍ଚ ସଭାପତି ରଞ୍ଜିତ କୁମାର ପୋଲତାଙ୍କ ନେତୃତ୍ୱରେ ଉପସଭାପତି କୈଳାଶ ଚନ୍ଦ୍ର ନାହାକ, ସମ୍ପାଦକ ସୁରେଶ ଚନ୍ଦ୍ର ମହାପାତ୍ର, ଉପଦେଷ୍ଟା ଭାବେ ଆଇନଜୀବୀ ତାରିଣୀ ଚରଣ ପଟ୍ଟନାୟକ ସାଙ୍ଗକୁ ସ୍ଥାନୀୟ ଦଣ୍ଡୀଶ୍ୱର ଅଟୋ ଓ ଟ୍ରକ୍ ମାଲିକ ସଂଘ ସଦସ୍ୟ ପ୍ରମୁଖ ଧାରଣାରେ ସାମିଲ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥାୟୀ ଡାକ୍ତର ନିଯୁକ୍ତି, ରୋଗୀଙ୍କ ଠାରୁ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଶୋଷଣକୁ ରୋକିବା, ରୋଗୀ ସେବାରେ ଅବହେଳା କରି କିରାଣୀଙ୍କ ପାଇଁ ଆସିଥିବା ସହାୟତାକୁ ହଡ଼ପ କରୁଥିବା କର୍ମଚାରୀଙ୍କୁ ଚିହ୍ନଟକରି ଦଣ୍ଡ ଦେବା ଆଦି ନେଇ ପ୍ରଶାସନିକ, ବିଭିନ୍ନ ମହଲର ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ସପ୍ତାହ ମଧ୍ୟରେ ଏହାର ସମାଧାନ ନ ହେଲେ କୋଦଲା ମୁଖ୍ୟରାସ୍ତା ଅବରୋଧ କରି ଅନିର୍ଦ୍ଦିଷ୍ଟ କାଳପାଇଁ ବନ୍ଦ ଅଖଚକ ବନ୍ଦ କରାଯିବ ବୋଲି ବିକାଶ ମଞ୍ଚ ସଭାପତି ପୋଲତା ଚେତାବନୀ ଦେଇଛନ୍ତି। ଖବର ଲେଖାଯିବା ଯାଏ ପୋଲିସ ବ୍ୟତୀତ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ।




ଧାରଣାରେ ସାମିଲ ହୋଇଥିବା ଲୋକେ।

# ସଡ଼କ ସୁରକ୍ଷା ନେଇ ସାଇକେଲ ରାଲି



ସଚେତନତା ରାଲି।

**ଛତ୍ରପୁର,୫।୨(ଡି.ଏନ.ଏ)**

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଲୋକଙ୍କୁ ସଚେତନ କରିବା ପାଇଁ ଭୁବନେଶ୍ୱରରୁ ବାହାରିଥିବା ସଚେତନତା ରଥ ଓ ସାଇକେଲ ଯାତ୍ରା ମଙ୍ଗଳବାର ଅପରାହ୍ନରେ ଗଞ୍ଜାମ ଜିଲା ଛତ୍ରପୁରଠାରେ ପହଞ୍ଚିଥିଲା । ଛତ୍ରପୁର ସହରରେ ରାଲି କରାଯାଇ ହେଲ୍‌ମେଟ ପିନ୍ଧି ଗାଡି ଚଳାଇବା ଓ ଟ୍ରାଫିକ୍ ନିୟମକୁ ମାନିବାକୁ ଲୋକଙ୍କୁ ସଚେତନ କରାଯାଇଥିଲା । ଗଞ୍ଜାମ ଆରଟିଓ ସଞ୍ଜୟ ବିଶ୍ୱାଳ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ଏହି ସାଇକେଲ ଯାତ୍ରା ଓ ସଚେତନତା ରଥ ୭ ଜିଲାର ୭୭୭ କି.ମି. ପରିକ୍ରମା କରିବ । ହେଲ୍‌ମେଟ ନ ପିନ୍ଧି ଗାଡି ଚଳାଉଥିବା ଲୋକଙ୍କୁ ହେଲ୍‌ମେଟ ପିନ୍ଧିବାକୁ ସାଇକେଲ ଯାତ୍ରୀମାନେ ସଚେତନ କରିଥିଲେ । ଏଥିସହ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସ୍କୁଲ ଓ କଲେଜରେ ମଧ୍ୟ ସଡକ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ରାଲିରେ ୪୦ ଛାତ୍ରଙ୍କ ସହ ଗୋପାଳକୃଷ୍ଣ ସାହୁ, କୁମାର ଦେବଦତ, ଅଜୟ କୁମାର ନନ୍ଦ ପ୍ରମୁଖ ସାମିଲ ଥିଲେ ।

# ଘରଭଙ୍ଗା ସହାୟତା ଦାବି

**ପାତ୍ରପୁର,୫।୨(ଡି.ଏନ୍.ଏ.)**

ତିତ୍‌ଲି ବାତ୍ୟାରେ ପାତ୍ରପୁର ବ୍ଲକର ବୁରାତାଲ ଓ ଆଙ୍କୁଲି ପଞ୍ଚାୟତରେ ସର୍ବାଧିକ କ୍ଷତି ହୋଇଥିଲା। ବହୁ ଲୋକଙ୍କ ଘର ଭାଙ୍ଗିଯାଇଥିଲା। ଏପରିକି ଲୋକେ ଜୀବୀକା ମଧ୍ୟ ହରାଇଥିଲେ। ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତଙ୍କୁ କେବଳ ରିଲିଫ ସହାୟତା ବାବଦ କିଛି ଟଙ୍କା ଦିଆଯାଇଥିବା ବେଳେ ସରକାରଙ୍କ ତରଫରୁ ଘୋଷଣା ହୋଇଥିବା ଘରଭଙ୍ଗା ସହାୟତା ଏ ଯାଏ ମିଳିନି। ତେଣୁ ମଙ୍ଗଳବାର ବୁରାତାଲ ପଞ୍ଚାୟତ ଗୁରୁଡ଼ା ଗ୍ରାମବାସୀ ତହସିଲ କାର୍ଯ୍ୟାଳୟକୁ ଆସି ଫେରାଦ ହୋଇଛନ୍ତି। ଗ୍ରାମର କବିରାଜ ରଇତ, ବାଇଧର କାର୍ଯି, ଲିମା କାର୍ଯି, ଦଣ୍ଡପାଣି କାର୍ଯି, ସାବିତ୍ରୀ ନାୟକ, ଝୁନୁ ନାୟକ, ରୁକୁଣା ବଡ଼ମୁଣ୍ଡି, ସୁରେଖା ପ୍ରଧାନ ପ୍ରମୁଖଙ୍କୁ କ୍ଷତିପୂରଣ ମିଳି ନ ଥିବା ସେମାନେ କହିଛନ୍ତି।

# ରାସ୍ତା ନିର୍ମାଣ ଦାବିରେ ଜାତୀୟ ରାଜପଥ ଅବରୋଧ



ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

**ଭଞ୍ଜନଗର,୫।୨(ଡି.ଏନ.ଏ.)**

ଭଞ୍ଜନଗର ବ୍ଲକ ମୁଜାଗଡ଼ ପଞ୍ଚାୟତ ବୁଦ୍ଧୁଲି ଗ୍ରାମବାସୀ ଗ୍ରାମ୍ୟ ରାସ୍ତା ନିର୍ମାଣ ଦାବିରେ ମଙ୍ଗଳବାର ଗ୍ରାମ ଛକରେ ରାସ୍ତାରୋକୋ କରିଥିଲେ। ଫଳରେ ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଭଞ୍ଜନଗର-ଫୁଲବାଣୀ ମୁଖ୍ୟରାସ୍ତା ବନ୍ଦ ରହିଥିଲା। ଭଞ୍ଜନଗର ତହସିଲଦାର ଦୀନମଣି ନାୟକ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ୧୦ଦିନ ମଧ୍ୟରେ ଗ୍ରାମ୍ୟ ରାସ୍ତା ନିର୍ମାଣ ଆରମ୍ଭ କରିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଆନ୍ଦୋଳନର ନେତୃତ୍ୱ ମୁଜାଗଡ଼ ସରପଞ୍ଚ ଶିବ ଶଙ୍କର ପ୍ରଧାନ ନେଇଥିଲେ। ପ୍ରଶାସନ ଉଦ୍ଦେଶ୍ୟମୂଳକ ଭାବେ ଗ୍ରାମର ବିକାଶ କରୁନାହିଁ ତେଣୁ ଆମେ ବାଧ୍ୟ ହୋଇ ଆଜି ଆନ୍ଦୋଳନକୁ ଓହ୍ଲାଇଲୁ। ନିର୍ଦ୍ଧାରିତ ସମୟରେ ପ୍ରଶାସନ ପ୍ରତିଶ୍ରୁତି ପାଳନ ନକରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି।

# ପୋତାଗଡ଼ ମହୋତ୍ସବ ଉଦ୍‌ଯାପିତ

**ଗଞ୍ଜାମ,୫।୨(ଡି.ଏନ.ଏ.)**

ଐତିହାସିକ ପୋତାଗଡ଼ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଡ. ପ୍ରିୟାଂଶୁ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପୋତାଗଡ଼ର ଉନ୍ନତି ଓ ସୁରକ୍ଷା ଉପରେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ବ୍ରିଜେଶ କୁମାର ରଏ, ଗୋପାଳପୁର ପୋର୍ଟ ନିର୍ଦ୍ଦେଶକ ମନମୋହନ ମହାରଣା, ଇନଟେକ୍ ନିର୍ଦ୍ଦେଶକ ସଂଘମିତ୍ରା ଶତପଥୀ, ଗ୍ରାସୀମ ଇଣ୍ଡଷ୍ଟ୍ରିଜ ମୁଖ୍ୟ ଏସ.ଏସ. ପାରିକ, ପୂର୍ବତନ ଗଞ୍ଜାମ ଏନଏସି ଅଧ୍ୟକ୍ଷ ବୃନ୍ଦାବନ ପଲାଇ, ଏଚଆର ମୁଖ୍ୟ (ଗ୍ରାସୀମ) କେ.ଜି. ଗେନରୱାଲ, ପୂର୍ତ୍ତ ବିଭାଗ ଅଧିକାରୀ ବିନୋଦ ଚନ୍ଦ୍ର ପାଢ଼ୀ, ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ଡିଏସପି ଦିଲ୍ଲୀପ ଦାଶ, ଆରଆଣ୍ଡବି ମୁଖ୍ୟ ବିନୋଦ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ଦିଗପହଣ୍ଡି ଅଞ୍ଚଳର ଯୁବକମାନଙ୍କ ଦ୍ୱାରା ପରିବେଷିତ ହୋଇଥିବା ପଶୁମୁଖା ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା । ଏଥିସହିତ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ସଂଗୀତରେ ଝୁମିଥିଲେ ଦର୍ଶକ। ମହୋତ୍ସବକୁ ଆବାହକ ଗୌରୀ ଶଙ୍କର ବାରିକି, ସାଂସଦ ପ୍ରତିନିଧି ସୁଧୀର କୁମାର ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ବିଷ ପିଇ ମହିଳା ମୃତ

**ବ୍ରହ୍ମପୁର ଅଫିସ୍,୫।୨:** ପାଟପୁର ଥାନା ଅଧୀନ କଂସାମାରୀ ଗ୍ରାମରେ ସୋମବାର ବିଷ ପିଇଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଗ୍ରାମର ଏସ୍.ଗଙ୍ଗା ଦୋରା (୫୫) । ସୋମବାର ପୂର୍ବାହ୍ନରେ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଗଙ୍ଗା ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାରବର୍ଗ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ଗଙ୍ଗାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ବୈଦ୍ୟନାଥପୁର ପୋଲିସ ମଙ୍ଗଳବାର ନଂ. ୫୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି ।

କଳାକାର ଭତ୍ତା ପାଇଁ ଲାଞ୍ଚ ମାମଲା

### ଜେଲରୁ ମୁକୁଳିଲେ ପିଇଓ

**ବ୍ରହ୍ମପୁର ଅଫିସ୍,୫।୨:** ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଈଶାନ୍ କୁମାର ଦାସ ମଙ୍ଗଳବାର ଗଞ୍ଜାମ ଜିଲା ପୋଲସରା ବ୍ଲକ ସୋଡକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ପିଇଓ) ଅଭିଯୁକ୍ତ କାଳୀଚରଣ ନାୟକଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି । ସେ ଜେଲରୁ ମୁକୁଳିଥିବା ଜଣାପଡିଛି । କଳାକାର ଭତ୍ତା ପାଇଁ ୯ଶହ ଟଙ୍କା ଲାଞ୍ଚ ନେବା ସମୟରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପ୍ରକାଶଯେ, କଳାକାର ଭତ୍ତା ପାଇଁ ସୋଡକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କାଳୀଚରଣ ଲାଞ୍ଚ ମାଗୁଥିବା ନେଇ ପୋଲସରା ବ୍ଲକ ଅଞ୍ଚଳର କୃଷ୍ଣ ସାମଲ ବ୍ରହ୍ମପୁର ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ । ଜାନୁୟାରୀ ୨୨ରେ କୃଷ୍ଣଙ୍କଠାରୁ ଲାଞ୍ଚ ନେବା ପରେ ପିଇଓ କାଳୀଚରଣ ଭିଜିଲାନ୍ସ ହାତରେ ଧରାପଡିଥିଲେ । ଏନେଇ ଭିଜିଲାନ୍ସ ବିଭାଗ ନଂ. ୧/୧୯ରେ ଏକ ମାମଲା ରୁଜୁ କରି କାଳୀଚରଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

### ସଂଯୁକ୍ତ ତଥା ପରିପୂରକ ପାଠଚକ୍ର



**ବ୍ରହ୍ମପୁର ଅଫିସ୍,୫।୨:** ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଗଣେଶ ହଲ୍‌ରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତବିଶ୍ୱବିଦ୍ୟାଳୟ(ଇଗ୍‌ନୋ) ଏବଂ ଆଇକ୍ୟୁଏସି ତରଫରୁ ସଂଯୁକ୍ତ ତଥା ପରିପୂରକ ପାଠ୍ୟକ୍ରମର ଉପକାରିତା ସମ୍ପର୍କରେ ଏକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଶତପଥୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଇଗ୍‌ନୋ ଆଞ୍ଚଳିକ ସହନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ପାଣିଗ୍ରାହୀ ଯୋଗଦେଇ ପାଠକ୍ରମର ଉପକାରିତା ସମ୍ପର୍କରେ କହିଥିଲେ। ସ୍ୱଳ୍ପ ମୂଲ୍ୟରେ ଏବଂ ସହଜରେ କିପରି ଛାତ୍ରୀଛାତ୍ରମାନେ ଜାତୀୟ ବିଶ୍ୱବିଦ୍ୟାଳୟରୁ ପ୍ରମାଣପତ୍ର ପାଇପାରିବେ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଶେଷରେ ଆଇକ୍ୟୁଏସିର ସଂଯୋଜିକା ଡ. ମମତା ମହାପାତ୍ର ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟ ଶିକ୍ଷା କେନ୍ଦ୍ର ସହ ସଂଯୋଜକ ଡ. ମନୋଜ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ପଞ୍ଚାୟତସ୍ତରୀୟ ବୁଥ୍ କମିଟି ବୈଠକ

**ଦିଗପହଣ୍ଡି/ପାଟପୁର,୫।୨(ଡି.ଏନ.ଏ.):** ସାନଖେମୁଣ୍ଡି ବ୍ଲକ ସାହାସପୁର ଗ୍ରାମରେ ପଞ୍ଚାୟତସ୍ତରୀୟ ବୁଥ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏ. କୈଳାସ ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସାନଖେମୁଣ୍ଡି ବ୍ଲକ ଉପାଧକ୍ଷ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ବ୍ଲକ ଅଧକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ବିଧାୟିକା ପ୍ରତିନିଧି ସହଦେବ ପ୍ରଧାନ, ଏ. ଜଗନ୍ନାଥ ପାତ୍ର, ଗୋପାଳ ରାଉଳ, ଚୂଡ଼ାମଣି ସ୍ୱାଇଁ, ବାବୁ ପ୍ରଧାନ ଓ ସୁଶାନ୍ତ ବାଡ଼ତ୍ୟା ପ୍ରମୁଖ ବହୁ ସଂଖ୍ୟକ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ବିଜୁ ଜନତା ଦଳ ପଞ୍ଚାୟତସ୍ତରୀୟ ବୈଠକରେ ସାଙ୍ଗଠନିକ ଅଭିବୃଦ୍ଧି ନିମନ୍ତେ ବିସ୍ତୃତ ଆଲୋଚନା ହୋଇଥିଲା। ରାଜ୍ୟ ସରକାରଙ୍କ ସମସ୍ତ ଜନକଲ୍ୟାଣ ଯୋଜନାର ବ୍ୟାପକ ପ୍ରଚାର ପ୍ରସାର ସହ ପ୍ରତ୍ୟେକ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ତାଙ୍କୁ କିଭଳି ସୁଫଳ ମିଳିପାରିବ, ସେନେଇ ଦଳୀୟ କର୍ମୀମାନେ ଯତ୍ନବାନ ହେବାକୁ ଦଳୀୟ ନେତୃବର୍ଗ ପରାମର୍ଶ ଦେଇଥିଲେ ।

■ ଯୋଡି ହେଲା ଆଉ ଏକ ଠକେଇ ମାମଲା

# ଜେଲ୍ ଗଲେ ଅଭିଯୁକ୍ତ ନିର୍ଦ୍ଦେଶକ ଦମ୍ପତି

ବ୍ରହ୍ମପୁର ଅଫିସ୍,୫।୨



ଚିଟ୍‌ଫଣ୍ଡ କୋର୍ଟରେ ଜାମିନ ନାମଞ୍ଜୁର ହେବା ପରେ ଅଭିଯୁକ୍ତ ନିର୍ଦ୍ଦେଶକ ଦମ୍ପତିଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଉଛି ।

ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ତଥା ଚିଟ୍‌ଫଣ୍ଡ କମ୍ପାନୀ ଡାଟୁମ୍‌ର ଅଭିଯୁକ୍ତ ନିର୍ଦ୍ଦେଶକ ଦମ୍ପତି ବ୍ରଜମୋହନ ପଟ୍ଟନାୟକ ଏବଂ ସ୍ତ୍ରୀ ତ୍ରିଧାରା ମହାନ୍ତିଙ୍କୁ ମଙ୍ଗଳବାର ଅପରାହ୍ନରେ ଗୋଳନ୍ଥରା ପୋଲିସ ବ୍ରହ୍ମପୁର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ କୋର୍ଟରେ ହାଜର କରିଥିଲା । ଆଉ ଏକ ଠକେଇ ମାମଲାରେ ଅଭିଯୁକ୍ତ ଦମ୍ପତିଙ୍କୁ ମଙ୍ଗଳବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି ଆଲୋକ କୁମାର ଜେନା ଓ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଦୁର୍ଗାମାଧବ ସାହୁ ସୂଚନା ଦେଇଛନ୍ତି। ଜାମିନ ନାମଞ୍ଜୁର ହେବାରୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି।

ପ୍ରକାଶଯେ, ବ୍ରହ୍ମପୁର ହିଲ୍‌ପାଟଣା ଗୋପବନ୍ଧୁନଗର ଅଞ୍ଚଳର ଅବସରପ୍ରାପ୍ତ ଅଧ୍ୟାପକ ସାରଦା ମହାପାତ୍ର ଡାଟୁମ୍ ଚିଟ୍‌ଫଣ୍ଡ କମ୍ପାନୀରେ ଅର୍ଥ ନିବେଶ କରିଥିଲେ । ଅବସର ଗ୍ରହଣ ପରେ ସରକାରଙ୍କ ପକ୍ଷରୁ ପାଇଥିବା ଅର୍ଥକୁ ଡାଟୁମ୍ ଚିଟ୍‌ଫଣ୍ଡ୍ କମ୍ପାନୀର ଅଭିଯୁକ୍ତ ନିର୍ଦ୍ଦେଶକ ଦମ୍ପତିଙ୍କ ପ୍ରଲୋଭନରେ ଆସି ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜମା କରିଥିଲେ। ମ୍ୟାଚୁରିଟି ହେବା ପରେ କମ୍ପାନୀ କର୍ତ୍ତୃପକ୍ଷ ସାରଦାଙ୍କ ଟଙ୍କା ଫେରସ୍ତ କରି

## ଡାଟୁମ୍ ଚିଟ୍‌ଫଣ୍ଡ୍ ଠକେଇ ଘଟଣା

ନ ଥିଲେ । ଏନେଇ ସାରଦା ଥାନାରେ ଏତଲା ଦେବାରୁ ସେତେବେଳେ ଗ୍ରହଣ କରାଯାଇ ନ ଥିଲା । ଫଳରେ ସାରଦା ୨୦୧୮ ଅଗଷ୍ଟ ୧୬ରେ ସ୍ୱତନ୍ତ୍ର ଚିଟ୍‌ଫଣ୍ଡ କୋର୍ଟରେ ଏକ ୱାନ୍‌ସିସି ପିଟିଶନ୍ ଫାଇଲ କରିଥିଲେ। ଉକ୍ତ ୱାନ୍‌ସିସି ପ୍ରକାରେ କୋର୍ଟ ନିର୍ଦ୍ଦେଶକ୍ରମେ ଗୋଳନ୍ଥରା ପୋଲିସ ଘଟଣାର ତଦନ୍ତ କରିଥିଲା । ଗତ ୪ତାରିଖରେ ଘଟଣା ସଂକ୍ରାନ୍ତରେ ପୋଲିସ ନଂ ୨୧/୧୯ରେ ଏକ ମାମଲା ରୁଜୁ କରି ମଙ୍ଗଳବାର ଦମ୍ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଅଭିଯୁକ୍ତ ନିର୍ଦ୍ଦେଶକ ଦମ୍ପତିଙ୍କ ବିରୋଧରେ ପୂର୍ବରୁ ଦୁଇଟି ଚିଟ୍‌ଫଣ୍ଡ୍ ଠକେଇ ମାମଲା ଥିବା ବେଳେ ମଙ୍ଗଳବାର ଆଉ ଏକ ମାମଲା ଯୋଡି ହୋଇଥିବା ଜଣାପଡିଛି। ସେହିପରି ଗୋଳନ୍ଥରା ପୋଲିସ ନଂ. ୨୦୨/୧୮ରେ ରୁଜୁ ହୋଇଥିବା ଠକେଇ ମାମଲାରେ ଅଭିଯୁକ୍ତ ଦମ୍ପତିଙ୍କୁ କୋର୍ଟ ଜାମିନ ପ୍ରଦାନ କରିଥିଲା । ଉକ୍ତ ଜାମିନକୁ ରଦ୍ଦ କରିବା ପାଇଁ ସ୍ୱତନ୍ତ୍ର ପିପି ବିଜୟ କୁମାର ପ୍ରଧାନ କୋର୍ଟରେ ଏକ ପିଟିଶନ୍ ଦାଖଲ କରିଥିଲେ । ଉକ୍ତ ପିଟିଶନ୍ ପ୍ରକାରେ କୋର୍ଟରେ ହାଜର କରିବା ପାଇଁ ନିର୍ଦ୍ଦେଶ ରହିଥିଲା । କୋର୍ଟରେ ହାଜର ହେବା ପରେ ଅନ୍ୟ ଏକ ଠକେଇ ମାମଲାରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ବୁଧବାର ଅଭିଯୁକ୍ତ ନିର୍ଦ୍ଦେଶକ ଦମ୍ପତିଙ୍କ ଜାମିନ ଖାରଜ ପିଟଶନ୍‌ର ଚିଟ୍‌ଫଣ୍ଡ୍ କୋର୍ଟରେ ଶୁଣାଣି ହେବ ବୋଲି ସୂଚନା ମିଳିଛି ।

■ ବଧୂ ହତ୍ୟା ମାମଲା

# ସ୍ୱାମୀ, ଶାଶୁ, ନଣନ୍ଦ ଖଲାସ

## ୨ ବର୍ଷ ପରେ ପ୍ରମାଣ ଅଭାବରୁ ହେଲେ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ୍,୫।୨

କିରୋସିନ ଢାଳି ନିଆଁ ଜାଳି ବୋହୂଙ୍କୁ ହତ୍ୟା କରିବା ମାମଲାରେ ବ୍ରହ୍ମପୁର ଏଡିଜେ-୨ ଦୀପକ କୁମାର ଉପଯୁକ୍ତ ପ୍ରମାଣ ଅଭାବରୁ ସମ୍ପୃକ୍ତ ୩ ଅଭିଯୁକ୍ତ ସ୍ୱାମୀ, ଶାଶୁ ଓ ନଣନ୍ଦଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି । ହତ୍ୟା ଘଟଣାର ୨ ବର୍ଷ ପରେ ସମସ୍ତ ଅଭିଯୁକ୍ତ ଖଲାସ ହୋଇଯାଇଥିବା ଜଣାପଡିଛି । ଅଭିଯୁକ୍ତମାନେ ହେଲେ ଜରଡା ଥାନା ସୁରଙ୍ଗୀ ଗ୍ରାମର ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ସୁବାସ ବେହେରା, ଶାଶୁ କୁମାରୀ ବେହେରା ଓ ନଣନ୍ଦ ଲତା ବେହେରା ।

ପ୍ରକାଶ ଯେ,୨୦୧୭ ଜାନୁୟାରୀ ୧ ତାରିଖ ପୂର୍ବାହ୍ନ ୧୧ଟାରେ ବୋହୂ କୁମାରୀ (୩୫) ଘରୁ ଚୋରି କରିଥିବା ଅଭିଯୋଗ ଆଣି ଶାଶୁ କୁମାରୀ ଏବଂ ନଣନ୍ଦ ଲତା ମାରପିଟ୍ କରିଥିଲେ। ସେହି ସମୟରେ ଅତ୍ୟଧିକ ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ସ୍ୱାମୀ ସୁବାସ କିରୋସିନ ଆଣି ସ୍ତ୍ରୀ କୁମାରୀଙ୍କ ଦେହରେ ଢାଳିଦେଇ ନିଆଁ ଲଗାଇ ଦେଇଥିଲେ । ପରେ କୁମାରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ପାତ୍ରପୁର ମେଡିକାଲ ଓ ପରେ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ଶରୀରର ୯୫ ପ୍ରତିଶତ ଜଳିଯାଇଥିବାରୁ ୨୦୧୭ ଜାନୁୟାରୀ ୩ରେ କୁମାରୀଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ କରାଯାଇଥିଲା । ଜାନୁୟାରୀ ୧୦ରେ ତାଙ୍କର ମୃତ୍ୟୁ ଘଟିଥିଲା । ଘଟଣା ସମ୍ପର୍କରେ ମୃତ କୁମାରୀଙ୍କ ଭାଇ ନାଇକ ବେହେରା ଜରଡା ଥାନାରେ ଏତଲା ଦେଇଥିଲେ । ପୋଲିସ ନଂ ୧/୧୭ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ସୁବାସଙ୍କ ସମେତ ଶାଶୁ ଓ ନଣନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଘଟଣାର ତଦନ୍ତକାରୀ ଅଧିକାରୀ ସୁଜିତ୍ କୁମାର ନାୟକ ଓ ଆଦିତ୍ୟ ପ୍ରସାଦ ଜେନା କୋର୍ଟରେ ଚାର୍ଜଶିଟ୍ ଦାଖଲ କରିବା ପରେ ମାମଲାର ବିଚାର ଆରମ୍ଭ ହୋଇଥିଲା । ସମୁଦାୟ ୨୫ ଜଣ ସାକ୍ଷୀଙ୍କ ମଧ୍ୟରୁ ୧୮ ସାକ୍ଷୀଙ୍କ ବୟାନ୍ କୋର୍ଟରେ ଗ୍ରହଣ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଅଦାଲତ ନିର୍ଦ୍ଦୋଷରେ ଖଲାସ କରିବାକୁ ରାୟ ପ୍ରକାଶ କରିଛନ୍ତି । ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଚିତ୍ତରଞ୍ଜନ ଶତପଥୀ ଓ ସୁରେନ୍ଦ୍ରନାଥ ପାଢୀ ମକଦ୍ଦମା ପରିଚାଳନା କରୁଥିଲେ ।

■ ଶ୍ରମ ଅଫିସ ଆଗରେ

# ସିପିଆଇ (ଏମ୍ଏଲ୍) ରେଡ୍‌ଷ୍ଟାରର ବିକ୍ଷୋଭ

ବ୍ରହ୍ମପୁର ଅଫିସ,୫।୨




ଶ୍ରମ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ।

ସିପିଆଇ (ଏମ୍ଏଲ) ରେଡ୍‌ଷ୍ଟାର ଗଞ୍ଜାମ ଜିଲା କମିଟି ପକ୍ଷରୁ ମଙ୍ଗଳବାର ବ୍ରହ୍ମପୁର ଜିଲା ଶ୍ରମ ଅଧିକାରୀଙ୍କ ଅଫିସ ଆଗରେ ବିକ୍ଷୋଭ କରାଯିବା ସହ ଗଣଧାରଣା ଦିଆଯାଇଥିଲା। ନିର୍ମାଣ ଶ୍ରମିକଙ୍କୁ ସଚେତନ କରିବା ପାଇଁ ଜିଲାର ପ୍ରତି ବ୍ଲକ ଓ ପଞ୍ଚାୟତରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ସହ ୯ ଦଫା ଦାବି ପୂରଣ ଲାଗି ଏହି ଆନ୍ଦୋଳନ ହୋଇଥିଲା। ଆସନ୍ତା ୧୫ ଦିନ ମଧ୍ୟରେ ଦାବି ପୂରଣ କରା ନ ଗଲେ ପୁଣି ଆନ୍ଦୋଳନ ଜୋରଦାର କରାଯିବାକୁ ଚେତାବନୀ ଦିଆଯାଇଛି । ଏହି ମର୍ମରେ ସ୍ମାରକପତ୍ର ଶ୍ରମ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲ।

ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ନିମନ୍ତେ ପ୍ରତି ସପ୍ତାହରେ ଜିଲା ଶ୍ରମ କାର୍ଯ୍ୟାଳୟ, ସହକାରୀ ଶ୍ରମ ଅଫିସ ଓ ବ୍ଲକ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ସେଲ ଖୋଲାଯିବା ଏବଂ ସେଠାରେ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବା, ଆସିକା ଓ ଭଞ୍ଜନଗର ସହ ଶ୍ରମ କାର୍ଯ୍ୟାଳୟରେ ଆବଶ୍ୟକ ମୁତାବକ କର୍ମଚାରୀ ନିଯୁକ୍ତି କରାଯିବା। ଅପରପକ୍ଷରେ ଶ୍ରମ କାର୍ଯ୍ୟାଳୟ ଶାସକ ଦଳ ସମର୍ଥକଙ୍କ ଚାପରୁ ଦୂରେଇବା ଓ ଚାଲିଥିବା ପ୍ରିୟାପ୍ରୀତି ବନ୍ଦ, ଆବେଦନକାରୀ ନିର୍ମାଣ ଶ୍ରମିକଙ୍କୁ ଆର୍ଥିକ ସହାୟତା ତୁରନ୍ତ ଦିଆଯିବା, ସାଇକେଲ ପାଇବା ପାଇଁ ଚିହ୍ନଟ ନିର୍ମାଣ ଶ୍ରମିକଙ୍କ ତାଲିକା ସାର୍ବଜନୀନ କରାଯିବା, ଶ୍ରମିକଙ୍କ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ପାଇଁ ହେଲପ୍ ଡେସ୍କର ବ୍ୟବସ୍ଥା, ସେମାନଙ୍କ ପାଇଁ ବିଶୁଦ୍ଧ ପିଇବା ପାଣି ଯୋଗାଣ ସହ ଅଫିସ ନିକଟରେ ଶୌଚାଳୟ ନିର୍ମାଣ ଏବଂ ହିତାଧିକାରୀଙ୍କୁ ଅବିଳମ୍ବେ ସହାୟତା ରାଶି ପୈଠ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ରେଡ୍‌ଷ୍ଟାର ଜିଲା ସମ୍ପାଦକ ଶଙ୍କର ସାହୁ ଆନ୍ଦୋଳନର ନେତୃତ୍ୱ ନେଇଥିବା ବେଳେ ବହୁ ସଂଖ୍ୟକ ନିର୍ମାଣ ଶ୍ରମିକ ଏଥିରେ ସାମିଲ ହୋଇଥିଲେ। ଏହି ବାମପନ୍ଥୀ ଶ୍ରମିକ ସଂଗଠନର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ଗାଡ଼ି ଧକ୍କାରେ ଜଣେ ମୃତ, ୨ ଗୁରୁତର

ବ୍ରହ୍ମପୁର ଅଫିସ୍,୫।୨

ହଳଦିଆପଦର ରେଲୱେ ଫ୍ଲାଏ ଓଭର ବ୍ରିଜ୍‌ରେ ସୋମବାର ରାତିରେ ଅଜଣା ଗାଡି ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି । ମୃତକ ହେଲେ ଛତ୍ରପୁର ଥାନା ସିନ୍ଦୂରପୁର ଗ୍ରାମର ଶାନ୍ତନୁ ଦାସ (୨୬) । ଗୁରୁତର ଟୁଲୁ ଦାସ (୧୮) ଓ ସନ୍ତୋଷ ଦାସ (୨୨)। ପ୍ରକାଶଯେ, ସୋମବାର ରାତିରେ ଶାନ୍ତନୁ, ଟୁଲୁ ଓ ସନ୍ତୋଷ ବାଇକ୍ ନଂ. ଓଡି ୦୭ ଏସ୍ ୨୨୩୦ରେ ବ୍ରହ୍ମପୁରରୁ ସିନ୍ଦୂରପୁର ଅଭିମୁଖେ ଯାତ୍ରା କରୁଥିବା ବେଳେ ହଳଦିଆପଦର ରେଲୱେ ଫ୍ଲାଏ ଓଭର ବ୍ରିଜ୍‌ରେ ଅଜଣା ଗାଡି ଧକ୍କା ଦେଇଥିଲା। ଫଳରେ ସମସ୍ତେ ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ଶାନ୍ତନୁଙ୍କ ମୃତ୍ୟୁ ଘଟିଥିଲା। ଏନେଇ ବ୍ରହ୍ମପୁର ଟ୍ରାଫିକ୍ ଥାନା ପୋଲିସ ମଙ୍ଗଳବାର ନଂ. ୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ରବିନାରାୟଣ ଚୌଧୁରୀ କହିଛନ୍ତି ।

■ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

# ଏସ୍‌ପିଙ୍କ ନିକଟରେ ହତ୍ୟା ଅଭିଯୋଗ କଲେ ପରିବାରବର୍ଗ

ବ୍ରହ୍ମପୁର ଅଫିସ୍,୫।୨



ବ୍ରହ୍ମପୁର ଏସ୍‌ପି ଅଫିସ୍‌କୁ ଆସି ଗୁହାରି ଜଣାଇଛନ୍ତି ମୃତ ସନ୍ତୋଷଙ୍କ ପରିବାରବର୍ଗ ।

ନିଜ ପୁଅକୁ ହତ୍ୟା କରି ପୋଖରୀରେ ପକାଇ ଦେଇଥିବା ଅଭିଯୋଗ ଆଣି ସମ୍ପୃକ୍ତ ପରିବାର ବର୍ଗ ମଙ୍ଗଳବାର ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ରଙ୍କୁ ସାକ୍ଷାତ୍ କରି ଗୁହାରି କରି ଫେରିଛନ୍ତି। ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିବା ସହ ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ପାଇଥିଲେ ।

ପ୍ରକାଶଯେ, ଜାନୁୟାରୀ ୨୩ରେ ଜରଡା ଥାନା ଅଧୀନ ସୁରଙ୍ଗୀ-ପୋଲରାଜପୁର ନିକଟ ମୁକୁନ୍ଦଦେବ ପୋଖରୀରୁ ସ୍କୁଟି ସହ ଜଣେ ଯୁବକଙ୍କ ମୃତଦେହ ଜରଡା ପୋଲିସ ଉଦ୍ଧାର କରିଥିଲା । ମୃତକ ହେଲେ କେ.ନୂଆଗାଁ ଥାନା ଅଧୀନ ରାମଚନ୍ଦ୍ରପୁର ଗ୍ରାମର ବାବୁଲା ନାୟକଙ୍କ ପୁଅ ସନ୍ତୋଷ(୨୫)। ଜାନୁୟାରୀ ୨୦ରୁ ସନ୍ତୋଷ ସାଙ୍ଗଙ୍କ ଘରକୁ ଯାଇ କେଉଁଆଡେ ନିଖୋଜ ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଏକ ନିଖୋଜ ମାମଲା ଦାଏର କରି ତଦନ୍ତ ଚଳାଇଥିଲା । ତେବେ ପୋଖରୀରୁ ସ୍କୁଟି ସହ ମୃତ ଦେହ ମିଳିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଚୁପ୍ ବସିଥିବା ନେଇ ଅଭିଯୋଗ ହୋଇଛି। ପୁଅ ସନ୍ତୋଷଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ବେଳେ ପୋଲିସ ତଦନ୍ତ ନ୍ୟାୟ ଆଶାରେ ବାପା ବାବୁଲା ଏବଂ ମା ସାବିତ୍ରୀ ବ୍ରହ୍ମପୁର ଏସ୍‌ପି ଅଫିସକୁ ଆସିଥିଲେ ।

■ ବ୍ରହ୍ମପୁରରେ ସଡ଼କ ସୁରକ୍ଷା ସପ୍ତାହ

# ସଚେତନ କଲା ବାଇକ୍ ରାଲି

ବ୍ରହ୍ମପୁର ଅଫିସ୍,୫।୨

ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ବ୍ରହ୍ମପୁର ପୋଲିସ ଜିଲା ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ମଙ୍ଗଳବାର ଦ୍ୱିତୀୟ ଦିବସରେ ସଡ଼କ ସୁରକ୍ଷା ସଚେତନତା ବାଇକ୍ ରାଲି ଅନୁଷ୍ଠିତ ହୋଇଥିଲା। ପୁରୁଣା ବସ୍‌ଷ୍ଟାଣ୍ଡ ଟ୍ରାଫିକ ଥାନାରୁ ଏହି ରାଲି ବାହାରିଥିଲା। ଏସ୍‌ପି ପିନାକ ମିଶ୍ର ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ । ବହୁ ସଂଖ୍ୟାରେ ଯୁବତୀ ଯୁବକ ଏହି ରାଲିରେ ଭାଗ ନେଇଥିଲେ। ହେଲମେଟ ପିନ୍ଧିବା, ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା, ଗାଡ଼ି ଚଳାଇବା ବେଳେ ମଦ୍ୟପାନ ନ କରିବା ଏବଂ ଟ୍ରାଫିକ ନିୟମ ମାନିବା ସମ୍ପର୍କିତ ବାର୍ତ୍ତାର ପ୍ଲାକାର୍ଡ଼ ଧରିବା ସହ ସ୍ଲୋଗାନ୍ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଶାନ୍ତନୁ କୁମାର ଦାସ ଏବଂ ପ୍ରଭାତ ରାଉତରାୟ, ଟାଉନ୍ ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି, ଟ୍ରାଫିକ୍ ଏସ୍‌ଡିପିଓ ବଟକୃଷ୍ଣ ମିଶ୍ର, ଟ୍ରାଫିକ ଥାନା ଆଇଆଇସି ସୁମନ୍ତ କିଷାନ୍, ଟାଉନ୍ ଥାନା ଆଇଆଇସି ନୀହାର ରଞ୍ଜନ ପ୍ରଧାନ, ବିଏନ୍‌ପୁର ଥାନା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ, ଗୋସାଇଁନୂଆଗାଁ ଆଇଆଇସି କୁଳମଣି ସେଠୀଙ୍କ ସମେତ ପୋଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଏସ୍‌ପି ମିଶ୍ର କହିଥିଲେ, ୩୦ତମ ସଡ଼କ ସୁରକ୍ଷା ସପ୍ତାହ ଚାଲିଛି । ବ୍ରହ୍ମପୁର ପୋଲିସ ଜିଲା ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଟ୍ରାଫିକ ସଚେତନତା ଦ୍ୱାରା ସମସ୍ତଙ୍କୁ ଅନୁରୋଧ କରାଯିବ, ଟ୍ରାଫିକ ନିୟମ ମାନନ୍ତୁ । ଦୁର୍ଘଟଣାରେ ମୂଲ୍ୟବାନ ଜୀବନର କ୍ଷତି ହେଉଛି। ଏଣୁ ସମସ୍ତେ ନିୟମ ମାନି ନିଜେ ଏବଂ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବା ଆବଶ୍ୟକ ବୋଲି କହିଥିଲେ ।



ସଡ଼କ ସୁରକ୍ଷା ସଚେତନତା ବାଇକ୍ ରାଲି ସହର ପରିକ୍ରମା କରୁଛି ।

■ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଘଟଣା

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ବ୍ରହ୍ମପୁର ଅଫିସ୍,୫।୨



ଆନ୍ଦୋଳନକାରୀଙ୍କ ସହ ଉପଜିଲାପାଳ ଦିଗନ୍ତ ରାଉତରାୟ ଏବଂ ଅଧକ୍ଷ ଡା. ଚରଣ ପଣ୍ଡା ଆଲୋଚନା କରୁଛନ୍ତି ।

ବ୍ରହ୍ମପୁର ବଡ ମେଡିକାଲରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ମଙ୍ଗଳବାର ପ୍ରତ୍ୟାହୃତ ହୋଇଛି । ୧୦ଦଫା ଦାବି ନେଇ ସୋମବାରଠାରୁ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଥିଲେ । ମଙ୍ଗଳବାର ଉପଜିଲାପାଳ ଦିଗନ୍ତ ରାଉତରାୟ ଏବଂ ଅଧକ୍ଷ ଡା. ଚରଣ ପଣ୍ଡା ଆନ୍ଦୋଳନସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ । ଦରମା ବାବଦରେ ଥିବା ଦାବିକୁ ତୁରନ୍ତ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଫଳରେ ବଡ଼ ମେଡ଼ିକାଲ୍‌ରେ ରୋଗୀ ସେବା ସ୍ୱାଭାବିକ ହୋଇଛି ।

ବଡ଼ ମେଡ଼ିକାଲ୍‌ରେ ଗଞ୍ଜାମ ସିକ୍ୟୁରିଟି ନାମକ ଏକ ଏଜେନ୍ସି ଜରିଆରେ ୧୮୬ ଆଟେଣ୍ଡାଣ୍ଟ କାର୍ଯ୍ୟ କରୁଛନ୍ତି । ସେମାନେ ଖୁବ୍ କମ୍ ଦରମାରେ ଖଟୁଥିବା ସତ୍ତ୍ୱେ ଛୁଟି ମିଳୁନାହିଁ। ଏହାବ୍ୟତୀତ ଇପିଏଫ୍, ଇଏସ୍‌ଆଇ ଏବଂ ଜିଏସ୍‌ଟି ବାହାନାରେ ସମ୍ପୃକ୍ତ ଏଜେନ୍ସି ଦରମାର ଏକ ସିଂହଭାଗ କାଟିଦେଉଛି । ବହୁ ବର୍ଷ ହେଲା କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କ ନିଯୁକ୍ତି ସ୍ଥାୟୀ ହୋଇନାହିଁ। ଏଭଳି ୧୦ଟି ଦାବିକୁ ନେଇ କର୍ମଚାରୀମାନେ ସୋମବାର କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଥିଲେ। ମଙ୍ଗଳବାର ଉପଜିଲାପାଳ ରାଉତରାୟ ଏବଂ ଅଧ୍ୟକ୍ଷ ଡା. ପଣ୍ଡା ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ବେଳେ ଏଜେନ୍ସିର ଏମ୍‌ଡି ଟୁନା ପାଣିଗ୍ରାହୀ ମଧ୍ୟ ଉପସ୍ଥିତ ଥିଲେ। ଦରମା ମାସର ପ୍ରଥମ ସପ୍ତାହରେ ପ୍ରଦାନ କରିବାକୁ କର୍ମଚାରୀମାନେ ଦାବି କରିଥିଲେ। ତୁରନ୍ତ ଏହି ଦାବି ପୂରଣ ପାଇଁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ମାସର ୧ରୁ ୫ତାରିଖ ମଧ୍ୟରେ ଦରମା ପ୍ରଦାନ କରିବାକୁ ସମ୍ପୃକ୍ତ ଏଜେନ୍ସିକୁ ନିର୍ଦ୍ଦେଶ ଦେଇଥିଲେ। କର୍ମଚାରୀମାନେ ଗତ ୧୯ମାସ ହେଲା ବର୍ଦ୍ଧିତ ଦରମା ପାଇନାହାନ୍ତି। ତୁରନ୍ତ ୧୯ମାସର ଏରିୟର୍ ଦରମା ପ୍ରଦାନ କରିବାକୁ ଏଜେନ୍ସିକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିଭଳି ଦରମା ବୃଦ୍ଧି ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ମାର୍ଚ୍ଚରେ ନୂତନ ଟେଣ୍ଡର୍ ପରେ କର୍ମଚାରୀଙ୍କୁ ମାସିକ ୮ହଜାର ୪ଶହ ଟଙ୍କା ଦରମା ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଇପିଏଫ୍, ଇଏସ୍‌ଆଇର ରସିଦ୍ କର୍ମଚାରୀଙ୍କୁ ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଅଧିକାରୀମାନେ ଘୋଷଣା କରିବା ପରେ କର୍ମଚାରୀମାନେ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ । ତେବେ କେତେକ କର୍ମଚାରୀ ସ୍ଥାୟୀ ନିଯୁକ୍ତି ପାଇଁ ଦାବି ରଖିଥିଲେ। କିନ୍ତୁ ଏହି ନିଷ୍ପତ୍ତି କେବଳ ରାଜ୍ୟ ସରକାର ହିଁ ନେଇପାରିବେ। ଏନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି କୁହାଯାଇଥିଲା। ଆଲୋଚନା ବେଳେ ସଂଘ ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ଉପସଭାପତି ସୁକାନ୍ତ ମୁଖୀ, ସମ୍ପାଦକ ଲାଲୁ ମୋହନ ବେହେରା ଏବଂ ଉପଦେଷ୍ଟା ରବି ରଥଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଅନ୍ୟପଟେ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହାର ପରେ ରୋଗୀ ସେବା ସ୍ୱାଭାବିକ ହୋଇଛି ।

## ସଂକ୍ଷେପରେ

### ୩ମାସ ବିତିଲା, ମିଳୁନି ତିତ୍‌ଲି ସହାୟତା

ରାମଗିରି,୫।୨(ଡି.ଏନ.ଏ.): ଗଜପତି ଜିଲା ପାଇଁ ଗତ ଅକ୍ଟୋବରରେ ହୋଇଥିବା ତିତ୍‌ଲି ମହାବାତ୍ୟା ମହାବିପତ୍ତି ଆଣିଥିଲା। ବହୁ ଧନଜୀବନ ହାନୀ ଘଟିଥିଲା। ଏଥିରେ ରାମଗିରି ଅଞ୍ଚଳ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ବାତ୍ୟା ପରେ ରିଲିଫ ଓ ଥଇଥାନ ପାଇଁ କେଉଁଠି ପ୍ରଶାସନିକ ଅଧିକାରୀ ତ ଆଉ କେଉଁଠି ରାଜନେତାମାନଙ୍କୁ ଲୋକଙ୍କ ଆକ୍ରୋଶର ଶିକାର ହେବାକୁ ପଡିଥିଲା। ତୁରନ୍ତ ସରକାର ରାଶନକାର୍ଡ ପ୍ରତି ୫୦ କେଜି ଚାଉଳ ଓ ୧ହଜାର ଟଙ୍କା ଦେଇ ପରବର୍ତ୍ତୀ କାମ ଗୁଡ଼ିକ ଅତି ମନ୍ଥର ଗତିରେ କରୁଥିବାରୁ ସହାୟତା ପାଇବା ନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ବାତ୍ୟା ପରେ ବୟସ୍କ ବ୍ୟକ୍ତିଙ୍କୁ ଦୈନିକ ୬୦ ଟଙ୍କା ଓ ଛୋଟପିଲାମାନଙ୍କୁ ଦୈନିକ ୩୦ ଟଙ୍କା ହିସାବରେ ୧୫ ଦିନର ସହାୟତା ଘୋଷଣା କରାଯାଇଥିଲା। ଏହି ସହାୟତା ରାଶି ପାଇବାକୁ ଅଙ୍ଗନୱାଡି କର୍ମୀମାନଙ୍କୁ ହିତାଧିକାରୀ ତାଲିକା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ବହୁ ହିତାଧିକାରୀଙ୍କୁ ସହାୟତା ମିଳିନାହିଁ ଏଭଳି ଅଭିଯୋଗ କରିଛନ୍ତି ରାମଗିରି ଓ ଅନଘା ପଞ୍ଚାୟତବାସୀ। ଅନଘା ପଞ୍ଚାୟତର ଫୁଲମତି ଦଳେଇଙ୍କ ଘର ବାତ୍ୟାରେ ନଷ୍ଟ ହୋଇଥିଲେ ସୁଦ୍ଧା ତାଙ୍କୁ ଟଙ୍କାଟିଏ ମଧ ସହାୟତା ମିଳିନାହିଁ। ଅନ୍ନପୂର୍ଣ୍ଣା ନାୟକଙ୍କ ୨ଗାଈ, ୪ ବାଛୁରୀ ମରି ଯାଇଥିଲେ ସୁଦ୍ଧା ତାଙ୍କୁ ମଧ ସହାୟତା ମିଳିନାହିଁ। ଅନଘା ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରାଯାଇଥିଲେ ମଧ କୌଣସି ସୁଫଳ ନ ମିଳିବା ଅତ୍ୟନ୍ତ ଦୁଃଖଦାୟକ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଏଡିଏମ୍‌ଓ ଲକ୍ଷ୍ମୀକାନ୍ତ ସେଠୀଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ବିଡିଓଙ୍କ ଅଫିସରେ ଚେକ୍ କରନ୍ତୁ, ତାଲିକାରେ ନାମ ନଥିଲେ ଆମେ ଚେଷ୍ଟା କରିବୁ।

### ଆମ ପୋଲିସ ସମିତିର ସଚେତନତା କର୍ମଶାଳା

ଆସିକା,୫।୨(ଡି.ଏନ୍.ଏ.): ଗାଙ୍ଗପୁର ଥାନା ଆମ ପୋଲିସ ସମିତି ପକ୍ଷରୁ ସୋମବାର ସନ୍ଧ୍ୟାରେ ଥାନା ପରିସରରେ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଭଞ୍ଜନଗର ଏସ୍.ଡି.ପି.ଓ. ଉତ୍କଳ କେଶରୀ ଦାସ ମୁଖ୍ୟ ଅତିଥି, କ୍ଷେତ୍ରୀୟବରପୁର କଲେଜର ଅଧକ୍ଷ ଅମୂଲ୍ୟ ଦାସ, ପ୍ରଧାପକ ଗୋବିନ୍ଦ ରାଓ, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ, କୁଞ୍ଜବିହାରୀ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆମ ପୋଲିସ ସମିତି ପକ୍ଷରୁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗ୍ରାମାଞ୍ଚଳରେ ଦେଖାଦେଉଥିବା ଗୁଣିଗାରେଡି ଭଳି ଅନ୍ଧବିଶ୍ୱାସ, ସଡକ ସୁରକ୍ଷା ବ୍ୟବସ୍ଥା, ସାଇବର୍ କ୍ରାଇମ୍, ବରିଷ୍ଠ ନାଗରିକଙ୍କୁ ସମ୍ମାନ ଏବଂ ସ୍ୱୟଂସିଦ୍ଧା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାସାଙ୍ଗକୁ ଆସନ୍ତା ଏପ୍ରିଲ୍‌ରେ ହେବାକୁ ଥିବା ବିଧାନସଭା ଓ ଲୋକସଭା ନିର୍ବାଚନ କିଭଳି ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଅଧିକ ଯତ୍ନବାନ ହେବାକୁ ନିବେଦନ କରାଯାଇଥିଲା। ଅନ୍ୟାନ୍ୟ ଆଲୋଚନା ମଧରେ ଆସନ୍ତା ସପ୍ତାହରେ ହେବାକୁ ଥିବା ଗାଙ୍ଗପୁର ଥାନାର ନବୀକରଣ ବ୍ୟବସ୍ଥାର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅଞ୍ଚଳବାସୀଙ୍କ ସହଯୋଗ କାମନା କରାଯାଇଥିଲା। ବେଲଗୁଣ୍ଠା ବ୍ଲକ ପୂର୍ବତନ ଅଧକ୍ଷ ନୀଳମଣି ବିଷୋୟୀଙ୍କ ସମେତ ଗାଙ୍ଗପୁର ଅନ୍ତର୍ଗତ ଆସିକା, ଧରାକୋଟ ଓ ବେଲଗୁଣ୍ଠା ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଜିଲାପରିଷଦ ସଦସ୍ୟ ଯୋଗ ଦେଇଥିଲେ।

## ବାତଜ୍ୱର ନିରାକରଣ ପାଇଁ ପ୍ରସ୍ତୁତି

# ୮ରେ ସାର୍ବଜନୀନ ଔଷଧ ସେବନ

ବ୍ରହ୍ମପୁର ଅଫିସ୍,୫।୨



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ।

■୯, ୧୦ରେ ଘରକୁ ଘର ବୁଲିବେ ଆଶାକର୍ମୀ, ସ୍ୱେଚ୍ଛାସେବୀ

■ବିତରଣ ହେବ ଆଲ୍‌ବେଣ୍ଡାଜୋଲ୍, ଡିଇସି ବଟିକା

ଗଞ୍ଜାମ ଜିଲାରୁ ବାତଜ୍ୱର(ଫାଇଲେରିଆ) ମୂଳପୋଛ ପାଇଁ ଚଳିତବର୍ଷ ପୁଣି ଥରେ ଔଷଧ ସେବନ କାର୍ଯ୍ୟକ୍ରମ ଆୟୋଜନ ହେବ । ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଆସନ୍ତା ୮ତାରିଖରେ ଜିଲାରେ ସାର୍ବଜନୀନ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ଆଇଇସି ହଲ୍‌ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି । ଜିଲାର ମୋଟ ୩୫ଲକ୍ଷ ୩୭ହଜାର ୫୮୭ଜଣଙ୍କୁ ଔଷଧ ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଛି। ୮୮ଲକ୍ଷ ୪୩ହଜାର ୯୬୭ ଡିଇସି ବଟିକା ଏବଂ ୩୫ଲକ୍ଷ ୩୭ହଜାର ୫୮୭ ଆଲ୍‌ବେଣ୍ଡାଜୋଲ୍ ବଟିକା ପ୍ରଦାନ କରାଯିବ। ଲୋକଙ୍କ ମନରେ ଭ୍ରାନ୍ତ ଧାରଣା ଯୋଗୁ ପ୍ରାୟତଃ ଔଷଧ ସେବନ ପାଇଁ ରାଜି ହୁଅନ୍ତି ନାହିଁ । ଚଳିତ ଥର ଏନେଇ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଖବରଦାତା ସମ୍ମିଳନୀରେ କୁହାଯାଇଛି ।

ଜିଲା ମ୍ୟାଲେରିଆ ଅଧିକାରୀ ଡା. ଆର୍. ଜଗଦୀଶ ପଟ୍ଟନାୟକ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଜନସ୍ୱାସ୍ଥ୍ୟ) ଡା. ହିମାଂଶୁବାଳା ପଟ୍ଟନାୟକ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଜିଲାର ଗୋଟିଏ ମହାନଗର ନିଗମ, ୧୭ ବିଜ୍ଞାପିତ ଅଞ୍ଚଳ ପରିଷଦ, ୨୨ ପଞ୍ଚାୟତ ସମିତି, ୪୭୫ ଗ୍ରାମ ପଞ୍ଚାୟତ ଏବଂ ୪୬୦ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଔଷଧ ବଣ୍ଟନ କାର୍ଯ୍ୟରେ ୭୦୫୦ ବଣ୍ଟନକାରୀଙ୍କୁ ନିୟୋଜିତ କରାଯିବ । ଏହି କାର୍ଯ୍ୟକୁ ତଦାରଖ କରିବା ପାଇଁ ୭୦୫ ସୁପରଭାଇଜରଙ୍କୁ ଦାୟିତ୍ୱ ଦିଆଯାଇଛି।

୮ତାରିଖ ଗୋଟିଏ ଦିନ ଔଷଧ ବଣ୍ଟନ କରାଯିବ । ତେବେ ଏହି ଦିନ ଯେଉଁମାନେ ଔଷଧ ସେବନରୁ ବଞ୍ଚିତ ହେବେ, ସେମାନଙ୍କୁ ୯ ତାରିଖ ଏବଂ ୧୦ ତାରିଖରେ ଔଷଧ ପ୍ରଦାନ କରାଯିବ। ଆଶା ଏବଂ ସ୍ୱେଚ୍ଛାସେବୀମାନେ ଘରକୁ ଘର ବୁଲି ବଟିକା ଖୁଆଇବେ। ତେବେ ୨ ବର୍ଷରୁ କମ୍ ଶିଶୁ, ଗର୍ଭବତୀ ଏବଂ ସାଂଘାତିକ ଭାବେ ପୀଡ଼ିତ ଥିବା ବ୍ୟକ୍ତିମାନଙ୍କୁ ଔଷଧ ଦିଆଯିବ ନାହିଁ । ଦୁଇରୁ ୫ ବର୍ଷ ବୟସର ଶିଶୁଙ୍କୁ ଗୋଟିଏ ଲେଖାଏ ଡିଇସି ଏବଂ ଆଲ୍‌ବେଣ୍ଡାଜୋଲ୍ ପ୍ରଦାନ କରାଯିବ। ସେହିଭଳି ୬ରୁ ୧୪ବର୍ଷର ଶିଶୁଙ୍କୁ ଦୁଇଟି ଡିଇସି ଏବଂ ଗୋଟିଏ ଆଲ୍‌ବେଣ୍ଡାଜୋଲ୍ ଏବଂ ତଦୂର୍ଦ୍ଧ୍ୱ ବୟସ୍କଙ୍କୁ ୩ ଡିଇସି ଏବଂ ଗୋଟିଏ ଆଲ୍‌ବେଣ୍ଡାଜୋଲ୍ ବଟିକା ଦିଆଯିବ ।

ପୂର୍ବ ବର୍ଷଗୁଡ଼ିକରେ ଔଷଧ ବିତରଣ ଶତପ୍ରତିଶତ ହୋଇପାରି ନାହିଁ । ୨୦୧୮ ରେ ଧାର୍ଯ୍ୟ ଲକ୍ଷ୍ୟର ୮୯.୫୪ପ୍ରତିଶତ ଔଷଧ ସେବନ କରିଥିବା ବେଳେ ୨୦୧୬ରେ ୮୬.୭୬ ପ୍ରତିଶତ, ୨୦୧୫ରେ ୮୭.୩୮ ପ୍ରତିଶତ, ୨୦୧୪ରେ ୮୭.୩୯ ପ୍ରତିଶତ ଏବଂ ୨୦୧୩ ରେ ୮୭.୦୧ପ୍ରତିଶତ ଲୋକଙ୍କୁ ଔଷଧ ପ୍ରଦାନ କରାଯାଇଥିଲା।

## ଗଞ୍ଜାମରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ବଢୁଛି

# ନାବାଳକ ଗାଡ଼ି ଚଳାଇଲେ ଅଭିଭାବକଙ୍କୁ ଲକ୍ଷେ ଜରିମାନା

ଭଞ୍ଜନଗର,୫।୨(ଡି.ଏନ.ଏ.)

ଭଲ ରାସ୍ତା ନିର୍ମାଣ ହେଉଛି। ଲୋକଙ୍କୁ ସଚେତନତା ମଧ କରାଯାଉଛି। ତଥାପି ଦୁର୍ଘଟଣାହାର ବର୍ଷକୁ ବର୍ଷ ବୃଦ୍ଧି ପାଉଛି। ରାଜ୍ୟରେ ସବୁଠୁ ଅଧିକ ଦୁର୍ଘଟଣାଜନିତ ମୃତ୍ୟୁ ଗଞ୍ଜାମ ଜିଲାରେ ହେଉଛି, ଯାହାକି ଚିନ୍ତାଜନକ ବିଷୟ। ବେପରୁଆ ଓ ନିଶା ସେବନ କରି ଗାଡ଼ିଚାଳନା ଯୋଗୁ ଅଧିକାଂଶ ଦୁର୍ଘଟଣା ଘଟୁଛି। ନାବାଳିକା, ନାବାଳକମାନେ ବେନିୟମ ଭାବେ ଗାଡ଼ି ଚଳାଉଛନ୍ତି। ଏଥିପାଇଁ ଅଭିଭାବକଙ୍କୁ ଦାୟୀ କରାଯିବ। ବେନିୟମ ଭାବେ ଗାଡ଼ି ଚଳାଉଥିବା ନାବାଳିକା ନାବାଳକଙ୍କ ଅଭିଭାବକଙ୍କୁ ଏଣିକି ଲକ୍ଷେ ଟଙ୍କା ଜରିମାନା କରାଯିବ। ଆବଶ୍ୟକ ପଡ଼ିଲେ ଜେଲଦଣ୍ଡ ବି ଭୋଗିବେ। ବହୁ ଚାଳକ ହେଲ୍‌ମେଟ୍ ଓ ସିଟ୍‌ବେଲ୍ଟ ବ୍ୟବହାର କରୁ ନ ଥିବାରୁ ଦୁର୍ଘଟଣା ପରେ ମୃତ୍ୟୁ ସମ୍ଭାବନା ଅଧିକ ରହୁଛି। ସମସ୍ତେ ସଚେତନତ ହେଲେ ଏହାକୁ ରୋକାଯାଇପାରିବ। ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ୩୦ତମ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଅତିଥି ଭାବେ ଯୋଗଦେଇ ବକ୍ତାମାନେ ଏହା ତାହା ମତବ୍ୟକ୍ତ କରିଛନ୍ତି।

୨୦୧୭ରେ ଗଞ୍ଜାମ ଜିଲାରେ ୩୮୧ ଜଣ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବାବେଳେ ରାଜ୍ୟରେ ୪୭୯୦ ଓ ଦେଶରେ ୯୪୪୮୩ ଜଣ ମୃତ୍ୟୁବରଣ କରିଥିଲେ। ୨୦୧୮ରେ ଗଞ୍ଜାମ ଜିଲାରେ ୪୦୪, ରାଜ୍ୟରେ ୫୩୧୫ ଓ ଦେଶରେ ଗତ ସେପ୍ଟେମ୍ବର ମାସ ସୁଧା ୯୮୯୩୪ଜଣ ମୃତ୍ୟୁବରଣ କରିଛନ୍ତି। ବର୍ଷକୁ ବର୍ଷ ଦୁର୍ଘଟଣାଜନିତ ମୃତ୍ୟୁହାର ବୃଦ୍ଧି ପାଉଛି। ତେଣୁ ଆଗାମୀ ଦିନରେ ପୋଲିସ ପ୍ରଶାସନ ପକ୍ଷରୁ ଆଇନକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ଯେଉଁ କଲେଜ ଛାତ୍ରୀଛାତ୍ରମାନଙ୍କ ୧୮ ବର୍ଷ ହୋଇ ନ ଥିବ ଗାଡ଼ି ଚଳାଉଥିବେ, ଯାଞ୍ଚରେ ଧରାପଡିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ବିନା ଲାଇସେନ୍ସ ଏବଂ ବିନା ବୀମାରେ ଗାଡ଼ି ଚଳାଉଥିଲେ ଦୁର୍ଘଟଣାଜନିତ କ୍ଷତିପୁରଣ ଏଣିକି ଗାଡ଼ି ମାଲିକ ଭରଣ କରିବେ। ତେଣୁ ଆଇନକୁ ମାନି ଗାଡ଼ି ଚଳାଇବା ପାଇଁ ଭଞ୍ଜନଗର ଆରଟିଓ ଶୁଭେନ୍ଦୁ ରଞ୍ଜନ ରୟ ସଭାରେ ନିବେଦନ କରିଥିଲେ। ଅଧକ୍ଷ ଡ. ନୀଳାଞ୍ଚଳ ମୁନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟଅଧାପକ ନୃସିଂହ ଚରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାରେ ଛାତ୍ରୀଛାତ୍ର, ଅଧାପିକା,ଅଧାପକମାନେ ଭାଗ ନେଇଥିଲେ। ସେହିଭଳି କ୍ଷତ୍ରିୟବରପୁର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟରେ ଅଧକ୍ଷ ଅମୂଲ୍ୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।


ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

## ସିଟି ବସ୍‌ଷ୍ଟାଣ୍ଡ କ୍ରିୟାନୁଷ୍ଠାନ କମିଟି ଗଠିତ

ବ୍ରହ୍ମପୁର ଅଫିସ୍,୫।୨

ଗୋଇଲୁଣ୍ଡି, ନୂଆବସ୍‌ଷ୍ଟାଣ୍ଡ ଏବଂ ଗେଟ୍‌ବଜାର ଅଞ୍ଚଳର ବିଭିନ୍ନ ବ୍ୟବସାୟିକ ସଂଘ ଏବଂ ବ୍ୟବସାୟୀଙ୍କୁ ନେଇ ସିଟି ବସ୍‌ଷ୍ଟାଣ୍ଡ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। ମଙ୍ଗଳବାର ଏନେଇ ଏକ ବୈଠକ ଗୋକର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବସିଥିଲା। ଦୀର୍ଘ ବର୍ଷ ହେଲା ଏହି ଅଞ୍ଚଳରେ ବ୍ୟବସାୟ କରୁଥିବା ଦୋକାନୀମାନେ ସେମାନଙ୍କ ଅସୁବିଧା ସମ୍ପର୍କରେ ମତ ରଖିଥିଲେ । ଏହି ନୂତନ କମିଟି ଜରିଆରେ ବ୍ୟବସାୟୀଙ୍କ ସାମୁହିକ ସ୍ୱାର୍ଥ ରକ୍ଷା ଦିଗରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପୂର୍ବତନ ଗଞ୍ଜାମ ଜିଲା ଯୁବ ମୋର୍ଚ୍ଚା ସଭାପତି ପ୍ରଶାନ୍ତ ମହାରଣା, ନୂତନ ବସ୍‌ଷ୍ଟାଣ୍ଡ ଉନ୍ନୟନ କମିଟିର ଭାସ୍କର ଆଚାର୍ଯ୍ୟ, ବିଜୟ ରାଉତ, ତିରିଆ ନାୟକ, ସୁରେନ୍ଦ୍ର ସାହୁ, ଆଚାରୀ ବାବୁ, କ୍ଷୁଦ୍ର ବ୍ୟବସାୟୀ ସଂଘର ସୂର୍ଯ୍ୟନାରାୟଣ ସାହୁ, ଦୀପକ କୁମାର ସାହୁ, ବାବୁରାମ ଭେଜା, ତେଲ ବାବୁ, କାଳିଆ ପ୍ରଧାନ, ଶିବରାମ ସାହୁ, ବହି ଦୋକାନୀ ସୁରେଶ ପାତ୍ର, ଭିକି ପ୍ରଧାନ, ନୂତନ ବସ୍‌ଷ୍ଟାଣ୍ଡ ମେନ୍ ରୋଡର ସାଇସେବା କମିଟିର ବାବୁଲା, ଲଲାଟ ମହାନ୍ତି, କାଳିଆ ସିଂ, ରତ୍ନାକର ଚୌଧୁରୀ, କ୍ଷୁଦ୍ର ବ୍ୟବସାୟୀ ସଂଘ ସଭାପତି ପ୍ରମୋଦ ମହାରଣା ପ୍ରମୁଖ କମିଟିରେ ସାମିଲ ହୋଇଛନ୍ତି । କମିଟିର ସଦସ୍ୟମାନେ ଅଞ୍ଚଳର ସାମାଜିକ ସୁରକ୍ଷା ଏବଂ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଆବାହକ ପ୍ରମୋଦ ମହାରଣା ଧନ୍ୟବାଦ ଦେଇଥିଲେ ।

# ପୋଲିସ ପକ୍ଷରୁ ନିର୍ବାଚନ ପରିଚାଳନା ତାଲିମ

ଜି.ଉଦୟଗିରି,୫।୨(ଡି.ଏନ.ଏ.)

ଜି.ଉଦୟଗିରି ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ୫ ଥାନା ଅଧିକାରୀଙ୍କୁ ନେଇ ଆଗାମୀ ନିର୍ବାଚନ ଉପଲକ୍ଷେ ନିର୍ବାଚନ ପରିଚାଳନା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜି.ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା ସମସ୍ତଙ୍କୁ ପୋଲିସର ନିର୍ବାଚନ ପରିଚାଳନା ଓ ଶାନ୍ତିଶୃଙ୍ଖଳା ରକ୍ଷା ସମ୍ପର୍କରେ ତାଲିମ ଦେଇଥିଲେ। ଶିବିରରେ ଜି.ଉଦୟଗିରି ଥାନାଧିକାରୀ ଲକ୍ଷ୍ମଣ ସେଠୀଙ୍କ ସମେତ ରାଇକିଆ, ସାରଙ୍ଗଗଡ଼, ଟିକାବାଲି, ଚକାପାଦ ଓ ଜି.ଉଦୟଗିରି ଥାନା ଆଇଆଇସି, ଏସ୍ଆଇ, ଏଏସ୍ଆଇ ଓ ହାବିଲଦାରମାନେ ଯୋଗଦେଇ ତାଲିମ ନେଇଥିଲେ ।


ଉପସ୍ଥିତ ପୋଲିସ ଅଧିକାରୀ।

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର

ବୁଗୁଡ଼ା,୫।୨(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ି ପଞ୍ଚାୟତ କାର୍ଯ୍ୟାଳୟ ତାଲାକୁ ସ୍ଥାନୀୟ ତହସିଲଦାର ତଥା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଭଙ୍ଗାଯାଇ ମଙ୍ଗଳବାର ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜେନ୍ଦ୍ର କୁମାର ସାମନ୍ତରାଙ୍କୁ ଅର୍ପଣ କରାଯାଇଛି। ପ୍ରକାଶ ଯେ ବି.କରଡ଼ାବାଡ଼ି ସରପଞ୍ଚ ପଦବୀକୁ ନେଇ କିଛିଦିନ ହେଲା ବାଦବିବାଦ ହୋଇ କଥା କୋର୍ଟ କଚେରି ପର୍ଯ୍ୟନ୍ତ ଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ହେବା ଯାଏ ନାଏବ ସରପଞ୍ଚ ସୁବାସିନୀ ନାୟକଙ୍କୁ ସରପଞ୍ଚ ଦାୟିତ୍ୱରେ ରହିବାକୁ ବିଡିଓଙ୍କ ନିର୍ଦ୍ଦେଶରେ କୁହାଯାଇଥିଲା। ଆଦେଶ ପ୍ରକାରେ ନାଏବ ସରପଞ୍ଚ ଗତ ୧୬ ତାରିଖରୁ ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଥିଲେ। କିନ୍ତୁ ସରପଞ୍ଚଙ୍କ ପ୍ରକୋଷ୍ଠ ଓ କମ୍ପ୍ୟୁଟର ରୁମରେ ତାଲା ପଡିଥିଲା। ଏ ସମ୍ପର୍କରେ ନାଏବ ସରପଞ୍ଚ ଭଞ୍ଜନଗର ଉପଜିଲାପାଳଙ୍କ ନିକଟକୁ ଚିଠି ଲେଖି ଜଣାଇଥିଲେ। ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ସଂଗ୍ରାମ କେଶରୀ ଜେନା, ବୁଗୁଡ଼ା ପୋଲିସ ଏବଂ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁଙ୍କ ଉପସ୍ଥିତିରେ ତାଲା ଭଙ୍ଗାଯାଇ ଉକ୍ତ କାର୍ଯ୍ୟାଳୟଗୁଡ଼ିକୁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି ।

**ବି. କରଡ଼ାବାଡି ପଞ୍ଚାୟତ**


କାର୍ଯ୍ୟାଳୟରେ ମାଜିଷ୍ଟ୍ରେଟ ତଥା ତହସିଲଦାର।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ: ସମାବର୍ତ୍ତନ ଉତ୍ସବ ୭ରେ

ବ୍ରହ୍ମପୁର ଅଫିସ,୫।୨

■୩୨ଙ୍କୁ ସ୍ୱର୍ଣ୍ଣ, ୫ଜଣଙ୍କୁ ଡିଲିଟ୍, ୮୩ଙ୍କୁ ପିଏଚଡି ଡିଗ୍ରୀ

■ଦିଆଯିବନି ସମ୍ମାନ ସୂଚକ ଡିଏସ୍‌ସି, ଡିଲିଟ ଉପାଧି

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୩ତମ ସମାବର୍ତ୍ତନ ଉତ୍ସବ ଗୁରୁବାର ଅନୁଷ୍ଠିତ ହେବ । ଏଥିରେ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ଗଣେଶୀ ଲାଲ ଅଧକ୍ଷତା କରିବାକୁ ଥିବା ବେଳେ ନୂଆଦିଲ୍ଲୀ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ନାଗେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଚଳିତ ବର୍ଷ ୫ ଜଣଙ୍କୁ ଡିଲିଟ, ଜଣକୁ ଡିଏସ୍‌ସି ଡିଗ୍ରୀ ଏବଂ ୮୩ ଜଣଙ୍କୁ ପିଏଚଡି ଡିଗ୍ରୀ ପ୍ରଦାନ କରାଯିବାକୁ ସ୍ଥିର ହୋଇଛି । ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୩୨ଛାତ୍ରୀଛାତ୍ରଙ୍କୁ ରାଜ୍ୟପାଳ ସ୍ୱର୍ଣ୍ଣ ପଦକ ପ୍ରଦାନ କରିବାକୁ ଥିବା ସୂଚନା ମିଳିଛି । ଏହା ବ୍ୟତୀତ ଏହି ଅବସରରେ ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବିଶ୍ୱବିଦ୍ୟାଳୟର ନାଲକୋ ଗେଟ ସହ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତି ଏବଂ ବାଣିଜ୍ୟ ବିଭାଗର ଏକ କୋଠାକୁ ରାଜ୍ୟପାଳ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଚଳିତ ବର୍ଷ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡିଏସ୍‌ସି ଓ ଡିଲିଟ(ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି) ଉପାଧି ପ୍ରଦାନ କରାଯିବ ନାହିଁ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏଭଳି ସୂଚନାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ବିଗତ ବର୍ଷ ଏହି ସମ୍ମାନସୂଚକ ଉପାଧି ପ୍ରଦାନକୁ ନେଇ ତୁମ୍ବି ତୋଫାନ ଦେଖା ଦେଇଥିବା ଯୋଗୁ ଚଳିତବର୍ଷ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଦୁଇ ସମ୍ମାନସୂଚକ ଉପାଧିକୁ ବନ୍ଦ କରି ଦିଆଯାଇଥିବାରୁ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ପିଜି କାଉନସିଲ ଅଧକ୍ଷ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ କହିଛନ୍ତି, ଡିଏସ୍‌ସି ଓ ଡିଲିଟ ଉପାଧି ପ୍ରଦାନ ପାଇଁ ପ୍ରତିବର୍ଷ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତାବ ସିଣ୍ଡିକେଟକୁ ଆସିଥାଏ। ଚଳିତ ବର୍ଷ ସିଣ୍ଡିକେଟକୁ ଏହି ଦୁଇ ଉପାଧି ପାଇଁ କୌଣସି ପ୍ରସ୍ତାବ ଆସି ନ ଥିବାରୁ ଏହାକୁ ବନ୍ଦ କରାଯାଇ ଥିବା ଅଧକ୍ଷ ପ୍ରଫେସର ପଟ୍ଟନାୟକ କହିଛନ୍ତି ।


ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାଶାସନିକ ବିଭାଗ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ଣ୍ଣର


→ ସୁରେଶ


→ ଟିଟୁ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ପାଠଚକ୍ର, ବିଦାୟକାଳୀନ ସମ୍ବର୍ଦ୍ଧନା



ଅତିଥିଙ୍କ ଗହଣରେ ଛାତ୍ରୀମାନେ ।

ବ୍ରହ୍ମପୁର ଅଫିସ୍,୫।୨

ମହାମାୟୀ ମହିଳା ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ମଙ୍ଗଳବାର ପାଠଚକ୍ର ଏବଂ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଡ. ମାୟାଧର ମାନସିଂହଙ୍କ କାବ୍ୟରେ ମର୍ତ୍ତ୍ୟପ୍ରୀତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଡ. କୃଷ୍ଣ ପ୍ରସାଦ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ଓଡ଼ିଆ ବିଭାଗ ବରିଷ୍ଠ ଅଧ୍ୟାପକ ଡ. ରମେଶ ଚନ୍ଦ୍ର ପ୍ରଧାନ, ଅଧାପିକା ଡ. ସୁଜାତା ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀମାନେ ବିଦାୟୀ ଛାତ୍ରୀମାନଙ୍କ ସମ୍ପର୍କରେ ମନ୍ତବ୍ୟ ଦେଇଥିଲେ। ସୁଚିତ୍ରା କୁମାରୀ ପଣ୍ଡା ସନ୍ଦର୍ଭ ଉପସ୍ଥାପନା କରିଥିଲେ। ସ୍ୱାଧୀନା ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।

**QUOTATIONS FOR AUCTION** are invited for **TITILI WATER AFFECTED STOCK** in **"as it is where it is"** basis lying at:- M/s. Raghunath Traders, Bus-Stand Aska, in front of Raghunath Lodge, Kalinga Road Aska, Dist: Ganjam, Odisha: 761110, Contact Person Mr. T. Rajeswar Patro- Mobile No. 9437073972. The water affected stock can be inspected between 11 AM to 2 PM and 5 PM to 7 PM upto 14.02.2019. The quotation should reach latest by 16.02.2019 in a **sealed envelope** written as **"Quotation for Water Affected Stock'** to above by Speed Post.






# ପାନୀୟଜଳ ଯୋଗାଣ ଦାବିରେ ଆନ୍ଦୋଳନ

ପୁରୁଷୋତ୍ତମପୁର, ୫।୨ (ଡି.ଏନ୍.ଏ.)

ପୁରୁଷୋତ୍ତମପୁର ବ୍ଲକ ଭୂତସର ସିଙ୍ଗିରେ ପାନୀୟ ଜଳ ଯୋଗାଣ ଦାବିରେ ଗ୍ରାମବାସୀ ମଙ୍ଗଳବାର ଆନ୍ଦୋଳନ କରିଛନ୍ତି। ଫଳରେ ପୁରୁଷୋତ୍ତମପୁରରୁ ପୋଲସରା, କୋଦଳା, କବିସୂର୍ଯ୍ୟନଗର ଅଞ୍ଚଳକୁ ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ଯାଏ ଯାତାୟାତ ବନ୍ଦ ରହିଥିଲା। ପୁରୁଷୋତ୍ତମପୁର ଆଇଆଇସି ଅଜୟ କୁମାର ବାରିକ, ବିଡିଓ ସତ୍ୟ ସୁନ୍ଦର ରାଉତ, ତହସିଲଦାର ଅରୁଣ କୁମାର ନାୟକ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ୧୫ ଦିନ ମଧ୍ୟରେ ଜଳ ଯୋଗାଣ ପ୍ରକଳ୍ପ ପାଇପ୍ ଲାଇନ ମରାମତି କରିବା


ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି।

ଏବଂ ସେପର୍ଯ୍ୟନ୍ତ ଗ୍ରାମକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାପରେ ଆନ୍ଦୋଳନ ହଟିଥିଲା। ପ୍ରକାଶ ଯେ, ଆସିକା-ହୁମ୍ମା ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତାରେ ସମ୍ପ୍ରସାରଣ କାମ ଚାଲିଥିବା ବେଳେ ପାଇପ୍ ଲାଇନ ଫାଟିଯିବାରୁ ୨ମାସ ହେଲା ଗ୍ରାମକୁ ସମ୍ପୂର୍ଣ୍ଣ ରୂପେ ଜଳ ଯୋଗାଣ ବନ୍ଦ ରହିଛି। ଏ ନେଇ ଗ୍ରାମବାସୀ ପ୍ରଶାସନିକ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇ ବିଫଳ ହେବାରୁ ଆନ୍ଦୋଳନ ନିଷ୍ପତ୍ତି ନେଇଥିଲେ।

■ସୋରଡା ଡାକ ବିଭାଗ

# ଅନୁଧ୍ୟାନ ପାଇଁ ପହଞ୍ଚିଲେ ଏସ୍‌ପି

ସୋରଡା,୫।୨(ଡି.ଏନ୍.ଏ.) ସ୍ଥାନୀୟ ଡାକ ବିଭାଗର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଏଜେଣ୍ଟ ଓ ଗ୍ରାହକମାନେ ଡାକବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ଜିଲାପାଳଙ୍କ ସମେତ ବହୁ ପଦସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ। ମଙ୍ଗଳବାର ଆସିକା ଡାକ ମଣ୍ଡଳ ସୁପରିଟେଣ୍ଡେଣ୍ଟ(ଏସପି) ବିପିନ ବିହାରୀ ନେଗି, ଇନ୍ସପେକ୍ଟର (ଡାକ ବିଭାଗ) ରାଘବେନ୍ଦ୍ର ପଣ୍ଡା ସ୍ଥାନୀୟ ଡାକ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ସମସ୍ୟା ଅନୁଧ୍ୟାନ କରିଥିଲେ। ୨ ବରିଷ୍ଠ ଅଧିକାରୀ କହିଥିଲେ ୨ ଦିନ ମଧ୍ୟରେ ଏଠାରେ ଡେପୁଟେସନରେ କର୍ମଚାରୀ ଆସି ପହଞ୍ଚିବେ। ସମସ୍ୟା ସମାଧାନ ପାଇଁ ଯଥାଶୀଘ୍ର ଚେଷ୍ଟା କରାଯିବ।

# ତାପସ ମେମୋରିଆଲ ଟ୍ରଫି, ଚେରମାରିଆ ବିଜୟୀ

ଧରାକୋଟ,୫।୨(ଡି.ଏନ୍.ଏ.) ଧରାକୋଟ ମିନି ଷ୍ଟାଡିୟମରେ ଚାଲିଥିବା ତାପସ ମେମୋରିଆଲ ଟ୍ରଫିର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଚେରମାରିଆ ଓ ବଡଗଡ ଦଳ ମଧ୍ୟରେ ହୋଇଥିଲା। ବଡଗଡ ୧୯ ଓଭରରେ ୭ ଉଇକେଟ ହରାଇ ୧୪୮ ରନ କରିଥିଲା। ଚେରମାରିଆ ୧୮.୪ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକୀୟ ରନ୍ କରି ବିଜୟୀ ହୋଇଥିଲା। ଦଳର ଶ୍ରୀକାନ୍ତଙ୍କୁ ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା। ବିଳମ୍ବରେ ପହଞ୍ଚିଥିବାରୁ ବଡଗଡ ଦଳର ୧ ଓଭର କାଟିଦିଆଯାଇଥିଲା।

# ବ୍ଲକ ସମ୍ମୁଖରେ କିଷାନ ମଜଦୁର ସଭାର ଧାରଣା

ପୋଲସରା,୫।୨(ଡି.ଏନ.ଏ.)

ପୋଲସରା ବ୍ଲକ ପାଣ୍ଡିରିପଡ଼ା ଓ ଗୋଛାବାଡ଼ି ପଞ୍ଚାୟତର ବହୁ ଆଦିବାସୀ ମହିଳା ଓ ପୁରୁଷଙ୍କୁ ନେଇ ଏଆଇକେଏମ୍‌କେଏସ୍ (ଅଖିଳ ଭାରତ କିଷାନ ମଜଦୁର କିଶନ ସଭା) ପକ୍ଷରୁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ଲାକାର୍ଡ ଧରି ବିକ୍ଷୋଭ ହୋଇଥିଲା। ୧ ବର୍ଷେ ପୂର୍ବେ ରାସ୍ତାଘାଟ, ପାନୀୟ ଜଳ ଓ ବିଭିନ୍ନ ପ୍ରକାର ମୌଳିକ ସମସ୍ୟାକୁ ନେଇ ପ୍ରମୁଖ ପଞ୍ଚାୟତର ଆଦିବାସୀମାନେ ଆନ୍ଦୋଳନ କରିଥିଲେ କିନ୍ତୁ ବର୍ତ୍ତମାନ ଯାଏ କୌଣସି ସମସ୍ୟାର ସମାଧାନ ନ ହେବାରୁ ମଙ୍ଗଳବାର ପୁଣି ଆଦିବାସୀମାନେ ଧାରଣା ଦେଇଛନ୍ତି। ସିଂହାସନୀଠାରୁ ପୁଞ୍ଜିଆମା ହୋଇ ବ୍ରାହ୍ମଣଦେଇ, ବଡ଼ତଇଲାରୁ ପାଣ୍ଡିରିପଡ଼ା, ସିଂହାସନୀରୁ ଉସ୍ତା, ମହୁଲପଲୀରୁ ଖାରିବନ୍ଧ, ଗୋଛାବାଡ଼ିରୁ ଭାଲିଆମାଳ ଓ ନାଡ଼ିଆମ୍ବା ଆଦି ଗ୍ରାମର ରାସ୍ତା ନିର୍ମାଣ କରିବା ସହ ବେଙ୍ଗ, ବେରୁଆଁବାଡ଼ି, ତିରିବିର ପ୍ରମୁଖ ଆଦିବାସୀ ଗ୍ରାମକୁ ସୌରଚାଳିତ ପାନୀୟ ଜଳ ଯୋଗାଣ ଆଦି ଦାବି ରହିଛି। ପ୍ରମୁଖ ସମସ୍ୟାର ସମାଧାନ ନ ହେଲେ ଗଣଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ଏଆଇକେଏମ୍‌କେଏସ୍‌ର ଆବାହକ ନିରାକାର ନାୟକ ଓ ପୋଲସରା ବ୍ଲକ କମିଟି ସଭାପତି ନିରଞ୍ଜନ ଶବର କହିଥିଲେ। ଏ ନେଇ ବିଡିଓ ଶମ୍ଭୁନାଥ ନନ୍ଦି କହିଛନ୍ତି ତୁରନ୍ତ ସମସ୍ୟା ପ୍ରତି ଦୃଷ୍ଟି ଦିଆଯିବ।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ